## ସଂକ୍ଷେପରେ

### ପାନବରଜ ଚାଷୀଙ୍କୁ କ୍ଷତିପୂରଣ ଦାବି

**ଏରସମା,୧୪।୧୧(ସ୍ୱ.ପ୍ର.):** ବୁଲ୍‌ବୁଲ୍ ବାତ୍ୟାରେ ଏରସମା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ପାନଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଦାବି ହୋଇଛି। ଏନେଇ ଏରସମା-ପାରାଦୀପ ଆଣ୍ଟି କରପ୍‌ସନ ଆସୋସିଏଶନ ପକ୍ଷରୁ ଏରସମା ତହସିଲଦାର ଅଞ୍ଜଳି ତରାଇଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି, ବୁଲ୍‌ବୁଲ୍ ବାତ୍ୟାରେ ବିଶେଷ କରି ଢିଙ୍କିଆ, ଗୋବିନ୍ଦପୁର ପଞ୍ଚାୟତର ପାନଚାଷୀଙ୍କ ପାନ ବରଜ ଭାଙ୍ଗି ଯାଇଛି। ଫଳରେ ପାନକୁ ଜୀବିକା ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। କ୍ଷୟକ୍ଷତିକୁ ଆକଳନ କରି ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଆସୋସିଏଶନର ସଭାପତି ରାକେଶ ସ୍ୱାଇଁ, ପ୍ରଭାତ ରାଉତ, ପ୍ରଶାନ୍ତ କୁମାର ରାଉତ, ରମେଶ ଚନ୍ଦ୍ର ଭୋଳ ଓ ଅମୀୟ ରାଉତ ପ୍ରମୁଖ ଦାବି କରିଛନ୍ତି।

### କାଦମ୍ବିନୀ ପରିଜାଙ୍କୁ ପଞ୍ଚସଖା ସେବା ସମ୍ମାନ

**ବାଲିଆ,୧୪।୧୧(ଡି.ଏନ୍.ଏ.):** ବିରିଡି ବ୍ଲକ ଅର୍ନ୍ତଗତ ବୁଢାପଡ଼ା ଗ୍ରାମର ଆଦର୍ଶ ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା ଦାଦମ୍ବିନୀ ପରିଜାଙ୍କୁ ବିଶ୍ୱକଲ୍ୟାଣ ଆଧାତ୍ମିକ ସେବା ସଂଘ ତରଫରୁ ପଞ୍ଚସଖା ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ବିରିଡି ବ୍ଲକ ମାଳିକା ପ୍ରସିଦ୍ଧ ଧାନକୁଦ ପୀଠରେ ଆୟୋଜିତ ପୀଠାଧୀଶ ବାବା ଅରକ୍ଷିତ ଦାସଙ୍କ ୫୯ତମ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାନ ଗୁରୁ ଶ୍ରୀ ସନ୍ଥ ମହାରାଜ, ଅଖା ବାବା, ଡା. ତାରକ ପ୍ରସନ୍ନ ତ୍ରିପାଠୀ, ବାବା ଦିବାକର ଦାସ, ଧାନକୁଦର ଠାକୁର ରାଜା ପ୍ରମୋଦ ନନ୍ଦୀ, ଆଷାଢ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଜାଙ୍କୁ ମାନପତ୍ର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ। ପୂର୍ବରୁ ପରିଜା କୁଞ୍ଜଲତା ପଣ୍ଡା 'ସ୍ମୃତି ସମ୍ମାନ', ବର୍ଷା ସମ୍ମାନ ସମେତ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ପାଇଁ କବି ବିଭୁତି ରାୟ, ପ୍ରିୟତମା ସାହୁ, ପ୍ରତାପ ବେହେରା ପ୍ରମୁଖ ପରିଜାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ନୃତ୍ୟଗୁରୁଙ୍କୁ ଏକାଡେମୀ ପୁରସ୍କାର

**ପାରାଦୀପ, ୧୪।୧୧ (ସ୍ୱ.ପ୍ର.):** ୨୦୧୭-୧୮ ବର୍ଷ ପାଇଁ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଯେଉଁ ପୁରସ୍କାର ପ୍ରଦାନ କରାଯାଇଛି ସେଥିରେ ପାରାଦୀପର ଜଣେ ନୃତ୍ୟଗୁରୁ ସାମିଲ ଅଛନ୍ତି। ପାରାଦୀପ ବନ୍ଦର ସାଗରିକା କଳାନିକେତନ ଅନୁଷ୍ଠାନର ନୃତ୍ୟଗୁରୁ ବ୍ରଜ କିଶୋର ମଲ୍ଲିକଙ୍କୁ ଉପରୋକ୍ତ ଏକାଡେମୀ ପୁରସ୍କାର ମିଳିଛି। ମଲ୍ଲିକ ଏହି ପୁରସ୍କାର ପାଇବା ପରେ ତାଙ୍କୁ ଅନୁଷ୍ଠାନର ସଭାପତି କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର, ସମ୍ପାଦକ ନିରୋଜ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟ ଗୁରୁ ଓ ପ୍ରଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ମଲ୍ଲିକ ଏହି କଳା ନିକେତନର ବରିଷ୍ଠ ଗୁରୁ ଦୀର୍ଘଦିନ କାମ କରୁଛନ୍ତି। ତାଙ୍କ ପ୍ରଚେଷ୍ଟାରେ ଅନେକ ଛାତ୍ରୀଛାତ୍ର ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ସୁନାମ କରିଛନ୍ତି।

### ନାଉଗାଁ ବୋଇତ ବନ୍ଦାଣ ଉତ୍ସବର ୨ୟ ସନ୍ଧ୍ୟା

**ନାଉଗାଁ,୧୪।୧୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶିଖରଘାଟଠାରେ ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ବୋଇତ ବନ୍ଦାଣ ଉତ୍ସବର ୨ୟ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା, ସଂସ୍କୃତି, ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଓଡିଶା ଆଜି ବିଶ୍ୱ ଦରବାରରେ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ପରିଚିତ ହୋଇଛି। ସମ୍ପ୍ରତି ରାଜ୍ୟ ସରକାର ଓଡିଶାର ବିକାଶ ଦିଗରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହାକୁ ଦ୍ରୁତ ଗତିରେ ଆଗେଇନେବା ପାଇଁ ସଂକୀର୍ଣ୍ଣ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସମସ୍ତେ ସହଯୋଗ କରିବାର ଆବଶ୍ୟକତା ରହିଛି। ପରିଷଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଡ. ଲଳିତ କୁମାର ଲେଙ୍କା ଯୋଗଦେଇ ଏହି ମାଟିର ସନ୍ତାନ ସାରଳା ଦାସ ସମଗ୍ର ଓଡିଆ ଜାତି ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳେଇ ଉପସ୍ଥିତ ଥିଲେ।

## କଳିଙ୍ଗ ବାଲିଯାତ୍ରାର ୪ର୍ଥ ସନ୍ଧ୍ୟା

# ସମ୍ବର୍ଦ୍ଧିତ ହେଲେ ଏମ୍‌ପି, ବିଧାୟକ

**ପାରାଦୀପ, ୧୪।୧୧ (ସ୍ୱ.ପ୍ର.)**


ବାଲିଯାତ୍ରା କମିଟି ତଥା ପ୍ରଶାସନ ପକ୍ଷରୁ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାରାଦୀପର ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ପାଗ ଅନୁକୂଳ ଥିବାରୁ ସନ୍ଧ୍ୟାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହ ସାଂସ୍କୃତିକ ମଞ୍ଚରେ ବାଲିଯାତ୍ରା କମିଟି ତଥା ପ୍ରଶାସନ ପକ୍ଷରୁ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ସୌଭିକ ବିଶ୍ୱାଳ, ସୁଶାନ୍ତ ରାଉତ, ବିଷ୍ଣୁବ୍ରତ ରାଉତରାୟ, ପ୍ରଶାନ୍ତ ବେହେରା ଓ ସମ୍ବିତ ରାଉତରାୟ। ଏଥିସହ ପିପିଏଲ୍ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି। ଅପରାହ୍ନ ୪ଟାରୁ ଜିଲାର କଳାକାରଙ୍କୁ ନେଇ ପାଲା, ଆଧୁନିକ ନୃତ୍ୟ, ସଙ୍ଗୀତ, ଏକକ ନୃତ୍ୟ, ଫିଲ୍ମ ଡ୍ୟାନ୍ସ ଏବଂ ପଣ୍ଡିତ ଶିବ ରଥଙ୍କ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା।

## ଦର୍ଶକଙ୍କ ସୁରକ୍ଷାରେ 'ସାଥୀ'ସଦସ୍ୟ

**ପାରଦୀପ,୧୪।୧୧(ସ୍ୱ.ପ୍ର.)**

ପାରାଦୀପ ବେଳାଭୂମିରେ ବାଲିଯାତ୍ରା ଚାଲିଥିବାରୁ ସମୁଦ୍ରରେ କୂଳରେ ମଧ ଭିଡ଼ ହେଉଛି। ଏହି ଅବସରରେ କିଛି ଦର୍ଶକ ପାଣିରେ ଗାଧୋଇବା ସହ ଜଳକ୍ରୀଡା କରିବାକୁ ଚାଲିଯାଉଛନ୍ତି। ମାତ୍ର ଏବେ ପାରାଦୀପ ସମୁଦ୍ର ଅଶାନ୍ତ ଓ ଅଧିକ କରେଣ୍ଟ ଥିବାରୁ ଏଥିରେ ଗାଧୋଇବା ବିପଦଜ୍ଜନକ ରହିଛି। ସେଥିପାଇଁ ପ୍ରଶାସନ ପକ୍ଷରୁ ବାରଣ କରାଯିବା ସହ ସତର୍କସୂଚନା ଫଳକ ଲଗାଯାଇଛି। ଏହାସତ୍ତ୍ୱେ ଚଳିତବର୍ଷ ଏକ ସ୍ୱେଚ୍ଛାସେବୀ ସଂଗଠନ ସାଥୀକୁ ଏହି କାମ କରିବାକୁ କୁହାଯାଇଛି। ଷଣ୍ଢକୁଦର ନୋଳିଆ ଯୁବକଙ୍କ ନେଇ ସାଥୀ ସଂଗଠନ ସୃଷ୍ଟି କରାଯାଇଛି। ଏହାର ଯୁବ ସଦସ୍ୟମାନେ ବାଲିଯାତ୍ରାରେ ଦର୍ଶକଙ୍କ ସୁରକ୍ଷାରେ ରହିଛନ୍ତି। କୌଣସି ଲୋକ ସମୁଦ୍ର ପାଣିରେ ପଶିବା ମାତ୍ରେ ତାଙ୍କୁ ସଦସ୍ୟମାନେ ବାରଣ କରୁଛନ୍ତି। ଏଥିସହ ପୋଲିସରେ ସୂଚନା ଦେଉଛନ୍ତି। ଏହାବ୍ୟତୀତ ବାଲିଯାତ୍ରାରେ ବୁଲୁଥିବ ଅସହାୟ ଲୋକ ଓ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କରି ସେମାନଙ୍କୁ ସେବା ଯୋଗାଇ ଦିଆଯାଉଛି ବୋଲି ସଂଗଠନର ମୁଖ୍ୟ ରାଜେନ୍ଦ୍ର ଶୁକ୍ଳା କହିଛନ୍ତି।


ସାଥି ସଂଗଠନର ସଦସ୍ୟ।

## ସାଂସ୍କୃତିକ ପ୍ରଗତି ପରିଷଦର ବାର୍ଷିକ ଉତ୍ସବ

# ପଞ୍ଚସଖାମାନେ ସମାଜ ସଂସ୍କାରକ ଥିଲେ-ବାବା ବଳିଆ

**ତିର୍ତ୍ତୋଲ, ୧୪।୧୧ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଗୁରୁବାର ସାଂସ୍କୃତିକ ପ୍ରଗତି ପରିଷଦର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ବାବା ବଳିଆ କହିଲେ ଯେ, ଓଡିଶାରେ ଅଚ୍ୟୁତ, ଅନନ୍ତ, ବଳରାମ, ଯଶୋବନ୍ତ ଓ ଜଗନ୍ନାଥ ଦାସ ପ୍ରମୁଖ ପଞ୍ଚସଖାମାନେ ଜଣେ ଜଣେ ସମାଜ ସଂସ୍କାରକ ଓ ବିପ୍ଳବୀ ଥିଲେ । ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣର ପ୍ରସଙ୍ଗ କଳ୍ପିତ ହେଲେ ମଧ ସମାଜର ଏହା ବିପ୍ଳବ ଆଣିଥିଲା । ଆଧାତ୍ମ ସାଧନା, ତତ୍ତ୍ୱ, ଜୀବନଦର୍ଶନ, ଭକ୍ତି ଓ ସମାଜ ସଂସ୍କାରକର ସମାହାର ଥିଲା ପଞ୍ଚସଖା ସାହିତ୍ୟ। ପଞ୍ଚସଖା ସାହିତ୍ୟରେ 'ସମାଜ ସଂସ୍କାରର ଦିଗ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଓଡିଶାର ରିକି ମିଶନର ଅଧକ୍ଷ ଶ୍ରୀ ସନ୍ଥ ମହାରାଜ କହିଥିଲେ, ପଞ୍ଚସଖାଙ୍କୁ ସାହିତ୍ୟିକ ମାନ୍ୟତା ମଧରେ ଆବଦ୍ଧ କରା ନ ଯାଉ । ନିଜେ ସଂଯମୀ ଓ ପରିବର୍ତ୍ତନ ହେଲେ ଆପେ ଆପେ ବିଶ୍ୱ ପରିବର୍ତ୍ତନ ହେବ। ଧାନକୁଦ ପୀଠର ପୀଠାଧୀଶ ଅରକ୍ଷିତ ଦାସ ମହାରାଜ, ପରିବ୍ରାଜକ ଅଖଣ୍ଡାନନ୍ଦ ସରସ୍ୱତୀ ଓ ଶରଣାବିନ୍ଦ ଓଝା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଷଦର ସଭାପତି ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ପରିଚାଳନା କରିଥିବାବେଳେ ସମ୍ପାଦକ ବସନ୍ତ ରାଉତ, ଉପସଭାପତି ଲକ୍ଷ୍ମଣ ରାଉତ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଚିଦାନନ୍ଦ ବ୍ରହ୍ମଚାରୀଙ୍କ ସଂକଳିତ ପୁସ୍ତକ 'ବଳିଆ କଥାମୃତ'ର ପ୍ରଥମ ଭାଗ ଉନ୍ମୋଚିତ ହୋଇଥିଲା ।

## ବିଜୁ ଯୁବବାହିନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ'

**ବାଲିକୁଦା,୧୪।୧୧(ସ୍ୱ.ପ୍ର.)**

ଆମ୍ବଶାଳ ବିଜୁ ଯୁବବାହିନୀ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆମ୍ବଶାଳ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଆସିଥିବା ଭୀନ୍ନକ୍ଷମଙ୍କ ସମ୍ପର୍କୀୟଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏହି ସଚେତନତା କାର୍ଯ୍ୟକ୍ରମ କରି ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଯୁବ ବାହିନୀର ସଭାପତି ଦିବ୍ୟରଞ୍ଜନ ଦାସ, ସମ୍ପାଦକ ଦେବବ୍ରତ ନାୟକ, କୋଷାଧକ୍ଷ ମିହିର ପଣ୍ଡା, ସଦସ୍ୟ ବାବୁନି ଦାସ, ସୌମ୍ୟରଞ୍ଜନ ମହାରଣା, ସୌମ୍ୟରଞ୍ଜନ ଦାସ, ନିଖିଲ ରାଉତ, ପ୍ରକାଶ ଦଳେଇ, ଚିରଞ୍ଜୀବ ଦାସ, ପଞ୍ଚାନନ ପରିଡା, ଆଲୋକ ସ୍ୱାଇଁ ପ୍ରମୁଖ ଯୋଗଦେଇ ଲୋକମାନଙ୍କୁ ସଚେତନ କରାଇଥିଲେ। ପରେ ଯୁବବାହିନୀ ଦ୍ୱାରା ଆମ୍ବଶାଳ ଛକଠାରେ ଅନୁରୂପ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ବାଇକ୍ ଚାଳକଙ୍କୁ ସଚେତନ କରାଯାଇଥିଲା।

# ବିଶ୍ୱ ମଧୁମେହ ଦିବସ ପାଳିତ


ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ମାନବ ଶୃଙ୍ଖଳ।

**ପାରାଦୀପ, ୧୪।୧୧ (ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଗୁରୁବାର ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ପାରାଦୀପ ବନ୍ଦର ଚିକିତ୍ସାଳୟ ପରିସରରେ ମଧୁମେହ ରୋଗ ପରୀକ୍ଷା ଓ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସନ୍ଧ୍ୟା ସୁଦ୍ଧା ୨୭୦ଜଣଙ୍କ ପରୀକ୍ଷା କରାଯାଇଥିଲା। ଯେଉଁଥିରେ ୧୯ନୂଆ ମଧୁମେହ ରୋଗୀ ଚିହ୍ନଟ କରାଯାଇଛି। ମଧୁମେହ ଚିହ୍ନଟ ରୋଗୀଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ଖାଇବା ପାଇଁ ପରାମର୍ଶ ଦିଆଯାଇଛି। ପୂର୍ବାହ୍ନରେ ବନ୍ଦର ଚିକିତ୍ସାଳୟର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପେନ୍‌ସନ ପାଉଥିବା ଉପଭୋକ୍ତା, ୟୁନିୟନ ପ୍ରତିନିଧି ଓ ସାଧାରଣ ଲୋକଙ୍କୁ ନେଇ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରାକୁ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧରେ ମୁଖ୍ୟ ଚିକିତ୍ସାଧିକାରୀ ପ୍ରହ୍ଲାଦ ପଣ୍ଡା, ଦୁର୍ଗାପ୍ରସାଦ ସେଠୀ, ଏଲ୍.ପାଧୁରିଆ ଓ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସମ୍ପ୍ରତି ବିଶ୍ୱରେ ୪୬୩ ନିୟୁତ ଲୋକ ମଧୁମେହ ରୋଗରେ ଆକ୍ରାନ୍ତ ଅଛନ୍ତି। ୨୦୪୫ ବେଳକୁ ୭୦୦ ନିୟୁତ ଲୋକ ପ୍ରଭାବିତ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ଏଭଳି ନିରବ ଘାତକ ରୋଗରୁ ନିସ୍ତାର ପାଇଁ ସନ୍ତୁଳିତ ଆହାର, ବ୍ୟାୟାମ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ।

## ଚେଲିତୋଳ ବାଲିଯାତ୍ରା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

**ତିର୍ତ୍ତୋଲ,୧୪।୧୧ (ଡି.ଏନ.ଏ.)**

ତିର୍ତ୍ତୋଲ ଗୋପିଆକୁଦ ମହାନଦୀ ବେଳାଭୂମିରେ ଚେଲିତୋଳ ବାଲିଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଛି। ବ୍ଲକ ଆମ୍ବା ଅଧକ୍ଷ ବସନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ ଆର, ମୁଖ୍ୟବକ୍ତା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ସଦସ୍ୟା ମନ୍ଦାକିନୀ କର, ସମ୍ମାନିତ ଅତିଥି ତିର୍ତ୍ତୋଲ ବିଡିଓ ରଞ୍ଜନ ପରିଡା, ବିରିଡି ବ୍ଲକ ଆମ୍ବା ଅଧକ୍ଷ ରବିନାରାୟଣ ଜେନା, ଜିଲା ପରିଷଦ ସଭ୍ୟ ସନାତନ ଦଳାଇ ପ୍ରମୁଖ ଯୋଗଦେଇ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟର ସ୍ମୃତିକୁ ରୋମନ୍ଥନ କରିଥିଲେ ।

# ୫ ଦଫା ଦାବିରେ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ

**ଏରସମା,୧୪।୧୧(ସ୍ୱ.ପ୍ର.)**

ଅଖିଳ ଭାରତ କୃଷକ ସଭା ଏରସମା ବ୍ଲକ କମିଟି ପକ୍ଷରୁ ଗୁରୁବାର ତହସିଲ ସମ୍ମୁଖରେ ୫ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏରସମା ତହସିଲଦାର ଅଞ୍ଜଳି ତରାଇଙ୍କୁ ପ୍ରଦାନ କରାଯାଇଥିଲା। ସେମାନଙ୍କ ଦାବିଗୁଡିକ ମଧ୍ୟରେ ବୁଲ୍‌ବୁଲ୍ ବାତ୍ୟାରେ କ୍ଷୟକ୍ଷତି ଆକଳନ କରି ପ୍ରତି ଚାଷୀଙ୍କୁ ୧୫୦୦୦ ଟଙ୍କା ଲେଖାଏ କ୍ଷତି ପୂରଣ ପ୍ରଦାନ, ଗତ ଫାଇଲିନ ଓ ଫନୀ ବାତ୍ୟାର କ୍ଷତି ପୂରଣ ଚାଷୀଙ୍କୁ ପ୍ରଦାନ କରିବା, ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରିବା, ପ୍ରଧାନମନ୍ତ୍ରୀ କିଷାନନିଧି ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରିବା ଓ ଅନ୍ନପୂର୍ଣ୍ଣା ଯୋଜନାରୁ ବଞ୍ଚ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ ଆଦି ଅନ୍ତର୍ଭୁକ୍ତ ରହିଛି। କୃଷକ ସଭାର ସଭାପତି ଦାମୋଦର ବେହେରା ଏଥିରେ ଅଧକ୍ଷତା କରିଥିଲେ। ଏନେଇ ଆୟୋଜିତ ସଭାରେ ସମ୍ପାଦକ ତଥା ପୂର୍ବତନ ବ୍ଲକ ଉପାଧକ୍ଷ ରାମଚନ୍ଦ୍ର ମୁଦୁଲି ଯୋଗଦେଇ ଫାଇଲିନ ଓ ଫନୀ ବାତ୍ୟାର କ୍ଷତି ପୂରଣ ଏପର୍ଯ୍ୟନ୍ତ ନ ପାଇବା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଥିଲେ। ପୂର୍ବତନ ସମିତିସଭ୍ୟ ଶଶିଭୂଷଣ ସ୍ୱାଇଁ ଯୋଗଦେଇ ଚାଷୀଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ସରକାର ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି ମତଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅଭିଜିତ୍ ସାହୁ, କୃଷକ ନେତା ସର୍ବେଶ୍ୱର ବେଉରା, ବଂଶୀଧର ବେହେରା ଓ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଶିବିର

**ବାଲିକୁଦା,୧୪।୧୧(ସ୍ୱ.ପ୍ର.)**

ଆମ୍ବଶାଳ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଡିଓ କଲ୍ୟାଣି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଅନ୍ୟତମ ଅତିଥି ଭାବେ ଉପାଧକ୍ଷ ରାଖାଲ ଚରଣ ଦାସ, ସମ୍ମାନିତ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅବ୍‌ଦୁଲ ୱାହିବ୍ ଖାଁ, ଏବିଡିଓ ଅଜୟ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷାଧିକାରୀ ପବିତ୍ର ଦାସ ପ୍ରମୁଖ ଯୋଗଦେଇ ଭୀନ୍ନକ୍ଷମଙ୍କ ମନୋବଳକୁ ଦୃଢ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସାଗର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଶିବିରରେ ମୋଟ ୪୬୩ଜଣ ଭିନ୍ନକ୍ଷମ ଯୋଗଦେଇ ନିଜର ନିଜର ପ୍ରମାଣ ପତ୍ର ହାସଲ ପାଇଁ ଆବେଦନ କରିଥିଲେ। ଏହି ଶିବିରରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ହିମାଂଶୁ ଶେଖର ସାହୁ, କଟକ ଏସ୍‌ସିବିର ଡା. ପ୍ରସନ୍ନ ସାମଲ, ସଚ୍ଚିନ୍ଦ୍ର ଦାସ, ଅଜୟ ସ୍ୱାଇଁ, ମୃଣ୍ମୟୀ ପ୍ରଧାନ, ବିଷ୍ଣୁପ୍ରସାଦ ସର, ସନ୍ତୋଷ ପତି, ଶିବାଶିଷ ସାହୁ, ଚକ୍ଷୁ ସହାୟକ ସୁରେଶ ଖଟୁଆ, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରକୁ ଆସିଥିବା ଭିନ୍ନକ୍ଷମଙ୍କ ମଧ୍ୟରୁ ୮ଜଣଙ୍କୁ ହୁଇଲ୍‌ଚେୟାର, ୮ ଜଣଙ୍କୁ ଟ୍ରାଇସାଇକେଲ ଓ ୩ ଜଣଙ୍କୁ କ୍ରଚେସ୍ (ଆଶାବାଡ଼ି) ପ୍ରଦାନ ନିମନ୍ତେ ସୁପାରିଶ କରାଯାଇଥିଲା।

## ନାଚଗୀତ ମାଧ୍ୟମରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା

**ରଘୁନାଥପୁର, ୧୪।୧୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ଭାସିଲପୁର ଗାଁରେ ସ୍ୱଚ୍ଛତା ଅବଲମ୍ବନ ପାଇଁ ଅଭିନବ ପ୍ରୟାସ କରାଯାଇଛି। ଛୋଟ ପିଲାଙ୍କ ଦ୍ୱାରା ନୃତ୍ୟଗୀତ କରାଯାଇ ଗ୍ରାମବାସୀଙ୍କ ମନରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା କରାଯାଇଛି। ଆୟୋଜିତ ଉତ୍ସବରେ କୁନି ପିଲାମାନଙ୍କ ଦ୍ୱାରା ପ୍ରଥମେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଦେଖଣାହାରିଙ୍କ ଭିଡ ଲାଗି ରହିଥିଲା। ପିଲାମାନଙ୍କ ନୃତ୍ୟ ପରିବେଷଣକୁ ଉପସ୍ଥିତ ଲୋକେ ପ୍ରଶଂସା ମଧ କରିଥିଲେ। ପରେ ପିଲାମାନେ ନିଜ ଅଞ୍ଚଳରେ ସ୍ୱଚ୍ଛତା ଆଣିବାକୁ ଉପସ୍ଥିତ ଲୋକଙ୍କୁ ଅନୁରୋଧ କରିଥିଲେ। ଏହାଛଡା ପରିବେଶର ସୁରକ୍ଷା, ଚାରାରୋପଣ ଓ ସର୍ବ ପରେ ଦୈନନ୍ଦିନ ଜୀବନରୁ ପ୍ଲାଷ୍ଟିକ ପଲିଥିନ ତଥା କ୍ୟାରି ବ୍ୟାଗ ବ୍ୟବହାରକୁ ନିଷେଧ କରିବାକୁ ବାର୍ତ୍ତା ଦେଇଥିଲେ। ଗ୍ରାମର ଯୁବବର୍ଗଙ୍କ ଦ୍ୱାରା ଆୟୋଜିତ ସଚେତନତାଧର୍ମୀ କାର୍ଯ୍ୟକ୍ରମରେ ଲିଜା ସାହୁ, ମଣ୍ଟୁ ସାହୁ, ସୋନାଲି ସାହୁ, ମିଟୁ ସାହୁ ପ୍ରମୁଖ ନୃତ୍ୟଗୀତ ଶିକ୍ଷାରେ ସହଯୋଗ କରିଥିଲେ। ଗ୍ରାମର ଛୋଟ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।


ସ୍ୱଚ୍ଛତା ସଚେତନତା ସୃଷ୍ଟି କରୁଥିବା କିଶୋରୀ।

# ଶିଶୁ ଦିବସରେ ଆଇନ ସଚେତନତା ଶିବିର


ଆଇନ ସଚେତନତା ଶିବିରରେ ଉପସ୍ଥିତ ଛାତ୍ରୀ ।

**ଜଗତ୍‌ସିଂହପୁର ଅଫିସ,୧୪।୧୧**

ଜଗତ୍‌ସିଂହପୁର ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ଗୁରୁବାର ଶିଶୁ ଦିବସ ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧୀକରଣ ସଚିବ କମଳାକାନ୍ତ ରାଉତ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଭାରତର ସମ୍ବିଧାନ, କିଶୋର ନ୍ୟାୟ ଆଇନ, ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା, ଛାତ୍ରୀ ଅଧିକାର, କନ୍ୟା ସନ୍ତାନର ମହତ୍ତ୍ୱ, ପ୍ରାକ୍ ଗର୍ଭଧାରଣ ଓ ପ୍ରାକ ପ୍ରସୂତି ନିଦାନ ଅଧିନିୟମ ଆଦି ଉପରେ ଆଲୋଚନା କରିଥିଲେ। ଏଥିସହ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜୀବନୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ସେ ଉପସ୍ଥିତ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧୀକରଣ ସଭ୍ୟ ସୁଷମା ପ୍ରଧାନ ଓ ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ ଯୋଗଦେଇ ସୁସ୍ଥ, ଶିକ୍ଷିତ ଓ ସୁରକ୍ଷିତ ଶିଶୁଙ୍କ ଦ୍ୱାରା ହିଁ ସୁସ୍ଥ ସମାଜ ଗଠନର ପରିକଳ୍ପନା କରିହେବ ବୋଲି କହିଥିଲେ। ସଭାରେ ବିଦ୍ୟାଳୟର କିଛି ଛାତ୍ରୀ ମଧ୍ୟ ଏହି ଦିବସର ଗୁରୁତ୍ୱ ଓ ନେହେରୁଙ୍କ ଆଦର୍ଶ ଉପରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀଙ୍କ ସମ୍ମୁଖରେ ଭାଷଣ ରଖିଥିଲେ। ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ମହାନ୍ତି, ଫ୍ରଣ୍ଟ ଅଫିସ ରିଟେନର ପ୍ରମୋଦ ଷଡ଼ଙ୍ଗୀ ଏବଂ ଅନ୍ୟ ଶିକ୍ଷୟିତ୍ରୀମାନଙ୍କ ସହିତ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରୀ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ରାହାମା,୧୪।୧୧(ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ (ଚାନ୍ଦପୁର)ସ୍ଥିତ ତ୍ରିଶାଖା ଗୁରୁକୁଳ ଆଶ୍ରମର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁବାର ଶିଶୁ ଦିବସରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ - ପାରାଦୀପ ରାସ୍ତାର ଚାନ୍ଦପୁରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଙ୍କପାଳ କ୍ଲଷ୍ଟରର ସିଆରସିସି ରାଜେନ୍ଦ୍ର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଅରୁଣ କୁମାର ପାଣି, ନାରୀନେତ୍ରୀ ସ୍ନେହମୟୀ ଆଚାର୍ଯ୍ୟ, ସାପିଏନ୍‌ସ୍ ଏକାଡେମୀର ଅଧକ୍ଷ ଶ୍ରୁତିରଞ୍ଜନ ଚୌଧୁରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଥମେ ପଣ୍ଡିତ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଡକ ସୁରକ୍ଷା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧରେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ସୁମିତ୍ରା ମଲ୍ଲ, ଦେବସ୍ମିତା ମହାପାତ୍ର, ସନ୍ତୋଷିନୀ ଖୁଣ୍ଟିଆ, ପ୍ରଶାନ୍ତ ଦାସ, କାଦମ୍ବିନୀ ମହାପାତ୍ର, ଲୋନି ନାୟକ, ଭାଗବତ ଦାସ, ଜିତେନ୍ଦ୍ର ଦାସ ଓ ଦୁଷ୍ମନ୍ତଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଖରସ୍ରୋତାରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

**ସିଂହପୁର/ଯାଜପୁର ଟାଉନ,୧୪।୧୧(ଡିଏନଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରୀଠାରେ ଗୁରୁବାର ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିବା ଜଣେ ବୃଦ୍ଧ ନଦୀସ୍ରୋତରେ ଭାସି ଯାଇ ମୃତ୍ୟୁବରଣ କରିଛନ୍ତି। ଜରୀ ଗ୍ରାମର ଛନ୍ଦାମୁଣ୍ଡ ୟୁପି ସ୍କୁଲର ଅବସରପ୍ରାପ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ ବିଶ୍ୱରଞ୍ଜନ ବାରିକ୍ ଓରଫ ବିଷ୍ଣୁଚରଣ (୬୫) ପୂର୍ବାହ୍ନ ୧୦ଟାରେ ଗାଧୋଇବା ପାଇଁ ଖରସ୍ରୋତା ନଦୀର ଜରୀ ମଦନମୋହନ ଛନ୍ଦାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ସମୟରେ ନଦୀର ପ୍ରଖର ସ୍ରୋତରେ ସେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। କିଛିବାଟ ଭାସିବା ପରେ ବିଶ୍ୱରଞ୍ଜନ ନଦୀରେ ବୁଡି ଯାଇଥିଲେ। ଲୋକେ ବିଞ୍ଝାରପୁର ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୩ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ନଦୀରୁ ବିଶ୍ୱରଞ୍ଜନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ବିଞ୍ଝାରପୁର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।




# ଲାଞ୍ଚ ନେଇ ଧରାପଡ଼ିଲେ ଏଏସ୍ଆଇ

**ବିଞ୍ଝାରପୁର/ଯାଜପୁର ଟାଉନ, ୧୪।୧୧(ଡିଏନଏ)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଏଏସ୍ଆଇ ଯୁଧିଷ୍ଠିର ମଲ୍ଲିକ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଜମିଜମା ଗଣ୍ଡଗୋଳକୁ ନେଇ ବିଞ୍ଝାରପୁର ବ୍ଲକ କଣ୍ଟିପୁର ଗ୍ରାମର କରୁଣାକର ମଲ୍ଲିକ ଓ ତାଙ୍କ ପରିବାର ବିରୋଧରେ ଉକ୍ତ ଗ୍ରାମର ପ୍ରଫୁଲ୍ଲ ମଲ୍ଲିକ ଗତ ୧୮ ତାରିଖରେ ଅଭିଯୋଗ କରିଥିଲେ। ଏ ନେଇ ବିଞ୍ଝାରପୁର ଥାନାରେ ଏକ ମାମଲା (୨୯୨/୧୯) ରୁଜୁ ହୋଇଥିଲା। ପରେ ଉକ୍ତ ଘଟଣାକୁ ନେଇ କରୁଣାକରଙ୍କ ସ୍ତ୍ରୀ କାମିନୀ, ପ୍ରଫୁଲ୍ଲ ଓ ତାଙ୍କ ପରିବାର ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ଏ ନେଇ ଆଉ ଏକ ମାମଲା (ନଂ.୨୯୩/୧୯) ରୁଜୁ ହୋଇଥିଲା। ଏହି



ଏଏସ୍ଆଇ ଯୁଧିଷ୍ଠିର ମଲ୍ଲିକ

ମାମଲାରେ ଏଏସଆଇ ଯୁଧିଷ୍ଠିର ମଲ୍ଲିକ ୧୫ହଜାର ଟଙ୍କା ନ ଦେଲେ ଆଗକୁ ବହୁ ହଇରାଣ କରିବେ ବୋଲି କରୁଣାକରଙ୍କ ପରିବାରକୁ ଧମକ ଦେଇଥିଲେ। ଏ ନେଇ କରୁଣାକରଙ୍କ ଭାଇ ବାଇଧର ଯାଜପୁର ଭିଜିଲାନ୍ସର ସହାୟତା ନେଇଥିଲେ। ବିଞ୍ଝାରପୁର ପେଟ୍ରୋଲ ପମ୍ପ ନିକଟରେ ଥିବା ଏଏସଆଇ ଯୁଧିଷ୍ଠିର ତାଙ୍କ ବାସଭବନରେ ୧୦ ହଜାର ଟଙ୍କା ନେଉଥିବାବେଳେ ଯାଜପୁର ଭିଜିଲାନ୍ସ ଡିଏସ୍ପି ବନମାଳୀ ଧଳ ଓ ଇନ୍ସପେକ୍ଟର ଅନସୂୟା ସେନାପତି ଚଢ଼ାଉ କରିଥିଲେ। ଭିଜିଲାନ୍ସ ଟିମ୍ ଯୁଧିଷ୍ଠିରଙ୍କ ନିକଟରୁ ୧୦ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି।

ପ୍ରକାଶ ଯେ, ଥାନା ଏଏସ୍ଆଇ ମଲ୍ଲିକ ଅନେକ ସମୟରେ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ବହୁବାର ଅଭିଯୋଗ ହୋଇଥିଲ। ସେହିପରି ସୋମବାର ବିଞ୍ଝାରପୁର ତଳ ସାହିର ଇଜାଜ୍ ଖାନ୍ କୌଣସି ଏକ ମାମଲାକୁ ନେଇ ଥାନାକୁ ଆସିଥିଲେ। ହେଲେ ଥାନା ଏଏସ୍ଆଇ ମଲ୍ଲିକ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ବୁଧବାର ଯାଜପୁର ଏସ୍ଡିପିଓ ଆର୍.କେ ଜେନାଙ୍କ ନିକଟରେ ସେ ଅଭିଯୋଗ କରିଥିବା ଜଣାପଡିଛି।

# ପହଙ୍ଗା ପଞ୍ଚାୟତର ଏକାଧିକ ସ୍ଥାନରୁ ଚୋରି

**ରସୁଲପୁର,୧୪।୧୧(ଡିଏନଏ)**

ରସୁଲପୁର ବ୍ଲକ ପହଁଗା ପଞ୍ଚାୟତର ଏକାଧିକ ସ୍ଥାନରୁ ଚୋରି ହୋଇଛି। ପଞ୍ଚାୟତ କାର୍ଯ୍ୟାଳୟ ସମେତ ଦୁଇଟି ମନ୍ଦିରରୁ ଚୋରି ହୋଇଯାଇଛି। ଦେବୀଙ୍କ ସୁନା ଅଳଙ୍କାର ଓ ପିତ୍ତଳ ବାସନ ସମେତ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଯାଇଛି ବୋଲି ଯାଜପୁର ରୋଡ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରି ସ୍ଥାନକୁ ସିଲ୍ କିରବା ସହ ପୋଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅନୁସନ୍ଧାନ ଆରମ୍ଭ ହୋଇଛି। ପ୍ରକାଶ ଯେ, ବୁଧବାର ରାତିରେ ଚୋରମାନେ ପଞ୍ଚାୟତ କାର୍ଯ୍ୟାଳୟ ଚାବି ଭାଙ୍ଗି ଏକ କମ୍ପ୍ୟୁଟର ଚୋରି କରି ନେଇଛନ୍ତି। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଦୁର୍ଗା ମନ୍ଦିରରୁ ପିତ୍ତଳ ଘଣ୍ଟା, ଘଣ୍ଟି, ଗରା, ବାଲିଟି ଆଦି ସାମଗ୍ରୀ ଚୋରି ହୋଇଯାଇଥିବାବେଳେ ଶନି ଦେବତାଙ୍କ ମୂର୍ତ୍ତିରୁ ସୁନାର ଆଖି ଓ ଚାନ୍ଦ ଚୋରି ହୋଇଯାଇଛି। ଚୋରି ଯାଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ୫୦ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି।

# ଆଜି କ୍ୟାବିନେଟ୍

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଦିନ ୧୨ଟା ୧୫ ମିନିଟ୍ରେ ଲୋକସେବା ଭବନରେ ଏହା ଅନୁଷ୍ଠିତ ହେବ। ବିଧାନସଭା ଶୀତ ଅଧିବେଶନ ଜାରି ରହିଥିବାରୁ କେଉଁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଗୃହୀତ ହେବ, ସେ ନେଇ କୌଣସି ସୂଚନା ମିଳିନାହିଁ।

# ବାଜି ରାଉତଙ୍କୁ ମନେ ପକାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ସେହ୍ୱାଗ

**ଭୁବନେଶ୍ୱର,୧୪।୧୧(ବ୍ୟୁରୋ)**

ନଭେମ୍ବର ୧୪ ତଥା ଶିଶୁ ଦିବସରେ ପୂର୍ବତନ କ୍ରିକେଟ ତାରକା ବୀରେନ୍ଦ୍ର ସେହ୍ୱାଗ ଓଡ଼ିଶା ବୀର ଶହୀଦ ବାଜି ରାଉତଙ୍କୁ ସ୍ମରଣ କରିଛନ୍ତି। ଶିଶୁ ଦିବସ ଉପଲକ୍ଷେ ବୀରେନ୍ଦ୍ର କରିଥିବା ଟୁଇଟ୍ରରେ ବାଜିଙ୍କୁ ଭାରତର କନିଷ୍ଠତମ ଶହୀଦ ବୋଲି ଉଲ୍ଲେଖ କରିଛନ୍ତି। ଦେଶର ସ୍ୱାଧୀନତା ସଂଗ୍ରାମରେ ୧୨ ବର୍ଷୀୟ ବାଜି କରିଥିବା ତ୍ୟାଗ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସେହ୍ୱାଗ କହିଛନ୍ତି। ବୀରେନ୍ଦ୍ରଙ୍କ ଏହିପରି ଭାବବିହ୍ୱଳ ଟୁଇଟ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ରିଟୁଇଟ୍ କରିଛନ୍ତି। ଏହି ଟୁଇଟ୍ରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଅମର ଶହୀଦ ବାଜି ରାଉତ ୧୨ ବର୍ଷ ବୟସରେ ଜନ୍ମଭୂମି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ତେଣୁ ଆଜିର ଦିନରେ ଏଭଳି ପ୍ରତିଭାଙ୍କୁ ସମ୍ମାନ ଦେବାଠାରୁ ବଳି କ'ଣ ବା ଥାଇପାରେ। ଭାରତ ତଥା ଓଡ଼ିଆ ମାଟିର ଶହୀଦ ବାଜି ରାଉତ ବିଷୟରେ ଟୁଇଟ୍ କରି ସାରା ଦୁନିଆକୁ ଜଣାଇଥିବାରୁ ବୀରେନ୍ଦ୍ରଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ୍ ଦେଇଥିଲେ।

# ପୋଖରୀ ଲିଜ୍ ନେଇ ମାଛଚାଷ କଲେ ମହିଳା



ପୋଖରୀରେ ଜାଲ ସହାୟତାରେ ଯାଆଁଳ ଛଡାଯାଉଛି।

**ରଘୁନାଥପୁର, ୧୪।୧୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ୱାଲ୍ଡଫିସ ଓ ମିଶନ ଶକ୍ତି ମିଳିତ ସହଭାଗିତାରେ ପ୍ରଶିକ୍ଷଣ ପାଇ ମାଛ ଚାଷ ପ୍ରତି ଆକୃଷ୍ଟ ହୋଇଛନ୍ତି ଏସ୍ଏଚ୍ଜି ମହିଳା। ଏହିକ୍ରମରେ ବ୍ଲକ ଅଧୀନ ବିଦ୍ୟାଧରପୁର ପଞ୍ଚାୟତର ମା' ବରିହା ଓ ସିଦ୍ଧେଶ୍ୱରୀ ଏସ୍ଏଚ୍ଜି ମହିଳା ପଞ୍ଚାୟତରେ ଥିବା ୨ଟି ପୋଖରୀକୁ ଲିଜ୍ ଆକାରରେ ନେଇ ଗୁରୁବାର ମାଛ ଯାଆଁଳ ଛାଡିଛନ୍ତି। ଏଥିରେ ତାଙ୍କୁ ସହଯୋଗ କରିଛନ୍ତି ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟନାରାୟଣ ନାୟକ। ଗୁରୁବାର ସହକାରୀ ମତ୍ସ୍ୟ ଅଧିକାରିଣୀ(ଏଫଓ) ମିରାରାଣୀ ବିଶ୍ୱାଳ ଓ ମିଶନ ଶକ୍ତିର ମୁଖ୍ୟ ସ୍ନେହପ୍ରିୟା ସ୍ୱାଇଁଙ୍କ ଉପସ୍ଥିତିରେ ପୋଖରୀରେ ମାଛ ଯାଆଁଳ ଛଡା ଯାଇଥିଲା। ବିଦ୍ୟାଧରପୁରସ୍ଥିତ ଅଧ ଏକର ପରିମିତ ପୋଖରୀରେ ମା' ବରିହା ଗ୍ରୁପ ପକ୍ଷରୁ ୩୦ କିଗ୍ରା ଓ ଦ୍ୱନ୍ଦ୍ୱ ବଡଗଣ୍ଡ ଅଢେଇ ଏକର ପୋଖରୀରେ ଦେଢ କୁଇଣ୍ଟାଲ ମାଛ ଯାଆଁଳ ଛଡା ଯାଇଥିଲା। ଏଏଫଓ ବିଶ୍ୱାଳ ପୋଖରୀ ପାଣିର ଶୁଦ୍ଧତା ପରୀକ୍ଷା କରିବା ପରେ ଉପଯୁକ୍ତ ତରିକାରେ ଜାଲ ସହାୟତାରେ ଯାଆଁଳକୁ ପାଣିରେ ଛଡା ଯାଇଥିଲା। ଉଭୟ ଗ୍ରୁପର ସଭାନେତ୍ରୀ, ସମ୍ପାଦିକାଙ୍କ ସମେତ ସଦସ୍ୟାମାନେ ଉପସ୍ଥିତ ଥିଲେ। ପୋଖରୀ ହୁଡାରେ ଅଧିକାରିଣୀ ବିଶ୍ୱାଳ ଏହାର ଯତ୍ନ ଓ ଖାଦ୍ୟ ପ୍ରଦାନ ସମ୍ପର୍କରେ ଗ୍ରୁପ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଏହାର ସୁରକ୍ଷା ଦାୟିତ୍ୱ ପ୍ରତ୍ୟେକ ସଦସ୍ୟାଙ୍କ ଉପରେ ନ୍ୟସ୍ତ ଥିବାବେଳେ ଗ୍ରାମବାସୀଙ୍କ ସହଯୋଗ ରହିବା ଉଚିତ ବୋଲି କହିଥିଲେ। ସରପଞ୍ଚ ନାୟକ ପଞ୍ଚାୟତର ଅବଶିଷ୍ଟ ପୋଖରୀଗୁଡିକରେ ମାଛଚାଷ ପାଇଁ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଥିଲେ।

# ବରୀରେ କୃଷି କ୍ଷୟକ୍ଷତି ଆକଳନ ଶେଷ

**ବରୀ,୧୪।୧୧(ସ୍ୱ.ପ୍ର.)**

ବରୀ ବ୍ଲକ ଅଞ୍ଚଳରେ ଗୁରୁବାର କୃଷି ବିଭାଗ ପକ୍ଷରୁ ବୁଲ୍ବୁଲ୍ କ୍ଷୟକ୍ଷତି ଆକଳନ ଶେଷ ହୋଇଛି। ଏ ନେଇ ଯାଜପୁର ଡେପୁଟି ପ୍ରୋଜେକ୍ଟ ଡିରେକ୍ଟର ଦିଲୀପ କୁମାର ମହାନ୍ତି, ବ୍ଲକ କୃଷି ଅଧିକାରୀ ସଞ୍ଜୟ କୁମାର ରାଉତ, ରାଜସ୍ୱ ବିଭାଗର ଆର.ଆଇ, ଭିଏଲ୍ଡବ୍ଲ୍ୟୁ ଓ କୃଷି ସାଥୀମାନେ ବିଭିନ୍ନ ପଞ୍ଚାୟତର କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଏହି ବ୍ଲକର ୨୯ ପଞ୍ଚାୟତରେ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଛି। ୧୨ହଜାର ହେକ୍ଟର ଚାଷଜମିରେ କୃଷି କାର୍ଯ୍ୟ କରାଯାଇଥିଲାବେଳେ ସେଥିରୁ ୫ ହଜାର ୪ ଶହ ୮୨ହେକ୍ଟର ଖରିଫ ଧାନ ଫସଲ ନଷ୍ଟ ହୋଇଛି। ସେହିପରି ୪ ହଜାର ୪ଶହ ୨୭ହେକ୍ଟର ରବି ଫସଲ ଓ ପନିପରିବା ନଷ୍ଟ ହୋଇଥିବା କୃଷି ବିଭାଗ ଅକଳନ କରିଛି। ଏ ସମ୍ପର୍କରେ ରିପୋର୍ଟ ରାଜ୍ୟ କୃଷି ସଚିବଙ୍କ ନିକଟକୁ ପଠାଯିବ ବୋଲି ମହାନ୍ତି କହିଛନ୍ତି। ବୁଧବାର ମଣ୍ଡଳ କୃଷି ଅଧିକାରୀଙ୍କ ସହ ବହୁ ପଦାଧିକାରୀ ଯୋଗଦେଇ ବିଭିନ୍ନ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ନୀତିମୟ ଜୀବନଯାପନ କଲେ ମଣିଷ ଉଦାର ଓ ନମ୍ର ହୋଇଥାଏ। ଏହାଦ୍ୱାରା ସେ ସୁଗୁଣର ଅଧିକାରୀ ହୁଏ ଓ ସର୍ବଦା ସତ୍‌କର୍ମ କରେ। ଏହି ସତ୍‌କର୍ମ ହିଁ ମଣିଷକୁ ନିର୍ବାଣ ପ୍ରାପ୍ତିରେ ସାହାଯ୍ୟ କରିଥାଏ। -ବୁଦ୍ଧଦେବ



# ୪.୯୩ କୋଟି ଦୁର୍ନୀତିର ପର୍ଦ୍ଦାଫାଶ କରିବ ଭିଜିଲାନ୍ସ ରିପୋର୍ଟ

**ଯାଜପୁର ଅଫିସ, ୧୪।୧୧**

ଯାଜପୁର ତହସିଲରେ ବହୁଚର୍ଚ୍ଚିତ ୪.୯୩ କୋଟି ଟଙ୍କାର ଅନିୟମିତତା ସଂକ୍ରାନ୍ତରେ ଓଡ଼ିଶା ଲୋକାୟୁକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୯।୧୦।୨୦୧୯ରେ ଲୋକାୟୁକ୍ତଙ୍କ ପକ୍ଷରୁ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ୬ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ ହୋଇଛି। ତେବେ ଏହି ମହାଦୁର୍ନୀତିରେ ଭିଜିଲାନ୍ସ ତଦନ୍ତ ରିପୋର୍ଟ କ'ଣ ରହୁଛି ତା'ଉପରେ ସମସ୍ତଙ୍କ ନଜର ରହିଛି। ସାମାଜିକ କର୍ମୀ ସର୍ବେଶ୍ୱର ବେହୁରାଙ୍କ ଅଭିଯୋଗ କ୍ରମେ ଲୋକାୟୁକ୍ତଙ୍କ ନିକଟରେ ଉପରୋକ୍ତ ମାମଲା(ନଂ ୩୭୧/୨୦୧୯) ରୁଜୁ ହୋଇଥିଲା।

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ରିପୋର୍ଟରେ ଯାଜପୁର ତହସିଲର ସ୍ୱତନ୍ତ୍ର ଅଡିଟ ରିପୋର୍ଟ ଆଧାରରେ ୧।୪।୨୦୦୬ରୁ ୫।୪।୨୦୧୬ ତାରିଖ ମଧ୍ୟରେ କୋଟିକୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ହୋଇଥିବା ଜଣାପଡ଼ିଥିଲା। ଏହି ଅଡିଟ କାର୍ଯ୍ୟ ୫।୪।୨୦୧୬ ରୁ ୩୧।୮।୨୦୧୬ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଅଡିଟ ରିପୋର୍ଟ ସରକାରଙ୍କ ପାଖରେ ଦାଖଲ ହେବା ପରେ ପ୍ରାୟ ୫ କୋଟି ଟଙ୍କାର ସରକାରୀ ଅର୍ଥ ତହସିଲର କେତେକ ଅଧିକାରୀଙ୍କ ଦ୍ୱାରା ଅନିୟମିତତା ହୋଇଥିବା ଧରାପଡିଥିଲା। ଅଡିଟ ରିପୋର୍ଟରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରିବାକୁ ପରାମର୍ଶ ଦିଆଯାଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ତହସିଲର ନାଜିର ରଜତ କୁମାର ରାଉତରାୟଙ୍କୁ ନିଲମ୍ବନ କରାଯାଇଥିଲା। ଏହାସହ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା(ଭିଜିଲାନ୍ସ)ରେ ନଂ ୫/୨୦।୧।୨୦୧୮ରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ଭିଜିଲାନ୍ସ ମାମଲା ରୁଜୁ କରି ନୀରବି ଯାଇଥିଲା। ଏହାପରେ ସାମାଜିକ କର୍ମୀ ବେହୁରା ୨୬।୯।୨୦୧୯ରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାଜପୁର ତହସିଲ ଅନ୍ତର୍ଗତ

**ଯାଜପୁର ତହସିଲ**




- ଲୋକାୟୁକ୍ତରେ ଚାଲିଛି ମାମଲା
- ଭିଜିଲାନ୍ସକୁ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ୧୮ରେ ପରବର୍ତ୍ତୀ ଶୁଣାଣି

ସହରବାସୀଙ୍କ ରାଜସ୍ୱକୁ ଅତି ଚାଲାକି ଭାବେ ସମ୍ପୃକ୍ତ ଅଧିକାରୀମାନେ ଆତ୍ମସାତ କରିଛନ୍ତି। କିନ୍ତୁ ତତ୍କାଳୀନ ତହସିଲଦାର ଓ ଆକାଉଣ୍ଟାଣ୍ଟଙ୍କୁ ଏଯାଏ ସୁରକ୍ଷା ଦିଆ ଚାଲିଛି। ଯାଜପୁର ଭିଜିଲାନ୍ସ କର୍ତ୍ତୃପକ୍ଷ ତହସିଲ ଘୋଟାଲାର କ୍ୟାଶବୁକ, ମନି ରିସିପ୍ଟ, ବ୍ୟାଙ୍କ ଜମାଖାତା, ଚେକ ବହିର ମୂଳ ରସିଦ ସମେତ ପ୍ରଭୃତି କାଗଜପତ୍ର ଜବତ କରି ତଦନ୍ତ ଚଳାଇଥିଲେ। ଇତିମଧ୍ୟରେ ମୁଖ୍ୟ ଅଭିଯୁକ୍ତ ନାଜିର ରାଉତରାୟ ଫେରାର ହୋଇଯାଇଛନ୍ତି। କିନ୍ତୁ ଭିଜିଲାନ୍ସ କିମ୍ବା ଜିଲା ପ୍ରଶାସନ ଅଭିଯୁକ୍ତ ନାଜିରଙ୍କୁ ଖୋଜିବାକୁ ଏଯାଏ ଆଦୌ ଚେଷ୍ଟା କରିନାହାନ୍ତି। ମାମଲା ରୁଜୁ ହେବା ପରେ ଅଭିଯୁକ୍ତମାନେ ଆଗୁଆ ଜାମିନ ପାଇବାକୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥବା ଜଣାପଡ଼ିଛି। କିନ୍ତୁ ଆଶ୍ଚର୍ଯ୍ୟ ଯେ, ଏଯାଏ ମୁଖ୍ୟ ଅଭିଯୁକ୍ତ ରାଉତରାୟଙ୍କ ବିରୋଧରେ ଲୁକଆଉଟ ସର୍କୁଲାର ଜାରି କରିବାକୁ ମଧ୍ୟ ଉଦ୍ୟମ ହୋଇ ନାହିଁ। ଯାଜପୁର ତହସିଲ ଦୁର୍ନୀତିରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବାକୁ ଅତୀତରେ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ପରୋକ୍ଷ ସହଯୋଗ ମିଳିଛି। ଏପରିକି ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ଯୋଗୁ ଅଭିଯୁକ୍ତଙ୍କୁ ପ୍ରଶାସନ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ବସିପଡ଼ିଥିଲା। କେତେକ ଅଧିକାରୀ ଏହି ନୋଟିସର ଉତ୍ତର ଦେଇଥିବାବେଳେ କେତେକ ଅବମାନନା କରିଥିବା ସୂଚନା ମିଳିଛି। ୨୦୦୬ ରୁ ୨୦୧୬ ମଧ୍ୟରେ ଦାୟିତ୍ୱରେ ଥିବା ଅଧିକାରୀ, ନାଜିର, ମୁଖ୍ୟ କିରାଣୀ ତଥା ଆକାଉଣ୍ଟାଣ୍ଟଙ୍କୁ ଭିଜିଲାନ୍ସ ତଦନ୍ତ ପରିସରକୁ ଅଣାଯାଇଛି କି ନାହିଁ ତାହା ଲୋକାୟୁକ୍ତରେ ରିପୋର୍ଟ ପ୍ରକାଶ ପାଇବାପରେ ସମସ୍ତ ରହସ୍ୟର ପର୍ଦ୍ଦାଫାଶ ହୋଇପାରିବ ବୋଲି ଆଶା କରାଯାଉଛି। ଏସଂକ୍ରାନ୍ତରେ ମତାମତ ନେବାକୁ ଯାଜପୁର ଜିଲାର ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ସେ କୋଣସି ମତାମତ ଦେବାକୁ ମନା କରିଦେଇଛନ୍ତି।

## ଶିଶୁ ଦିବସ ଉପଲକ୍ଷେ ଗଣଦୌଡ଼

**ଚଣ୍ଡିଖୋଲ, ୧୪।୧୧(ଡ଼ି.ଏନ.ଏ)**

ବଡ଼ଚଣା ଥାନା ନିକଟରୁ ଚଣ୍ଡିଖୋଲ ଛକ ପର୍ଯ୍ୟନ୍ତ ଏକ ଗଣଦୌଡ଼ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ତଥା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଗାନ୍ଧୀ ବିଚାରଧାରା ଓ ଗାନ୍ଧୀବାଦର ପ୍ରଚାର ପ୍ରସାର ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଶିଶୁ ଦିବସ ଉପଲକ୍ଷେ ଏହି ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଚଣ୍ଡିଖୋଲ ଛକରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱାଧିନତା ସଂଗ୍ରାମୀ ମହାସଂଘ ସଭାପତି ତଥା ବର୍ଷିୟାନ ସ୍ୱାଧିନତା ସଂଗ୍ରାମୀ ନକୁଳ ଚରଣ ଦାସ ଯୋଗ ଦେଇଥିଲାବେଳେ ମୁଖ୍ୟବକ୍ତାଭାବେ ଯାଜପୁର ଜିଲା ସ୍ୱାଧିନତା ସଂଗ୍ରାମୀ ମହାସଂଘ ସଭାପତି ନୀଳମଣି ସାମଲ, ସମ୍ମାନିତ ଅତିଥିଭାବେ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା ଯୋଗଦେଇ ଗାନ୍ଧୀଜୀଙ୍କ ଦେଶଭକ୍ତି ଓ ଶିଶୁ ସୁରକ୍ଷା ଉପରେ ଆଲୋଚନା କରିଥିଲେ।

**ସଂକ୍ଷେପରେ**

## ଆଇନ ସାକ୍ଷରତା, ସଚେତନତା ଶିବିର

**ଚଣ୍ଡିଖୋଲ, ୧୪।୧୧(ଡି.ଏନ.ଏ):** ବଡ଼ଚଣା ବ୍ଲକ ତଥା ଅରଖପୁର ପଞ୍ଚାୟତ ଅନ୍ତର୍ଗତ ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠ ପରିସରରେ ଚଣ୍ଡିଖୋଲ କୋର୍ଟ ତାଲୁକ୍ ଆଇନ ସେବା କେନ୍ଦ୍ର ପକ୍ଷରୁ ଶିଶୁ ଦିବସ ପରିପେକ୍ଷୀରେ ଗୁରୁବାର ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ କୋର୍ଟ ବିଚାରପତି ତଥା ତାଲୁକ୍ କେନ୍ଦ୍ରର ଅଧକ୍ଷ ସୋମ୍ୟାରଞ୍ଜନ ପୃଷ୍ଟି ଏଥିରେ ଅଧକ୍ଷତା କରି ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ସ୍ୱାଧିନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ କର୍ମକର୍ତ୍ତା ଓ ସରକାରୀ ଓକିଲମାନେ ସାମିଲ ହୋଇଥିଲେ।

## ମା' ବିରଜାଙ୍କ ପୁନଃ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

**ଯାଜପୁର ଟାଉନ, ୧୪।୧୧(ଡିଏନଏ):** ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ୧୫ତମ ବାର୍ଷିକ ପୁନଃ ପ୍ରତିଷ୍ଠା ଦିବସ ଉପଲକ୍ଷେ ସୋମବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମହାବୀର ଜିମ୍ନାସିୟମ ପରିସରରେ ଥିବା ହଂସେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିରଜା ମଣ୍ଡଳ ବିଦ୍ୱତ ପରିଷଦର ସଭାପତି ବୈକୁଣ୍ଠନାଥ ପତି ଓ ଉପସଭାପତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ସମ୍ପାଦକ ପ୍ରମୋଦ କୁମାର ଦାଶ, ସହସମ୍ପାଦକ ପ୍ରଦୀପ୍ତ ଆଚାର୍ଯ୍ୟ, କୋଷାଧକ୍ଷ ରବିନାରାୟଣ ମିଶ୍ର, ସଭ୍ୟ ପଣ୍ଡିତ ହୃଷିକେଶ ପାଣିଗ୍ରାହୀ, ଅଦ୍ୱୈତ ପ୍ରସାଦ ମିଶ୍ର, ପଣ୍ଡିତ ଗଦାଧର ମହାପାତ୍ର, ଗୌରୀଶଙ୍କର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଶାନ୍ତ କୁମାର ସନ୍ଧିବିଗ୍ରହ, ବସନ୍ତ କୁମାର ପତି, ଶରତ ଚନ୍ଦ୍ର ଶତପଥି, ନୃସିଂହ ପ୍ରସାଦ ସାମାନ୍ତ, ଅମର କିଶୋର ଭଟ ମିଶ୍ର, ନୀଳକଣ୍ଠ ମିଶ୍ର, ଗିରିଶ ଚନ୍ଦ୍ର ଦାଶ ପ୍ରମୁଖଙ୍କ ମିଳିତ ସହଯୋଗରେ ପ୍ରସ୍ତୁତି ବୈଠକ ହୋଇଥିଲା। ଆସନ୍ତା ୨୮ ତାରିଖ ଗୁରୁବାର ମା'ବିରଜାଙ୍କର ୧୫ତମ ବାର୍ଷିକ ପୁନଃ ପ୍ରତିଷ୍ଠା ଦିବସକୁ ପାଳନ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ଏହିଦିନ ପ୍ରାତଃରୁ ଚଣ୍ଡୀପାଠ, ଜପ, ନାମ ସଂକୀର୍ତ୍ତନ ଓ ଯଜ୍ଞାନୁଷ୍ଠାନ କାର୍ଯ୍ୟହେବା ସହିତ ସନ୍ଧ୍ୟା ୫ଟା ୩୦ରେ ସହସ୍ର ପରମିତ ଘୃତ, ଦୀପ, ମା'ଙ୍କୁ ଦାନ ଓ ମହାମନ୍ତ୍ର କୀର୍ତ୍ତନ ହେବ ବୋଲି ସ୍ଥିର ହୋଇଛି। ଇତି ମଧ୍ୟରେ ମା'ବିରଜାଙ୍କ ମୂର୍ତ୍ତି ବଦଳ ଘଟଣାକୁ ୧୪ବର୍ଷ ପୂରି ୧୫ତମ ବର୍ଷରେ ପଦାର୍ପଣ କରୁଛି। ଯେଉଁଦିନ ମା'ଙ୍କ ମୂଳ ମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା, ସେହି ଦିନଠାରୁ ନଃ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

## ଶିଶୁଦିବସ ପାଳିତ

**ସିଂହପୁର, ୧୪।୧୧(ଡିଏନଏ):** ବିଞ୍ଝାରପୁର ବ୍ଲକ ସିଂହପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତାଭାବେ ଖବରଦାତା ଅନିରୁଦ୍ଧ ବେଉରିଆ, ଶିକ୍ଷୟିତ୍ରୀ ନିବେଦିତା ନାୟକ, ଶିକ୍ଷକ ସୁବ୍ରତ ପତି ପ୍ରମୁଖ ଯୋଗଦେଇ ଶିଶୁ ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ସିଂହପୁର ନବଘନ ମହାନ୍ତ ମାୟାଧର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ରଙ୍କ ସଭାପତିତ୍ୱରେ କଳା ଶିକ୍ଷକ ଦିନେଶ ମଲିକ, ଜ୍ଞାନରଞ୍ଜନ ସାମଲ, ପ୍ରଭାତୀ ସାହୁ, ମନୋରଞ୍ଜନ ବେଉରିଆ, ସତ୍ୟଭାମା ବାରିକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ନାଟକ ଉତ୍ସବ ଉଦ୍‌ଯାପିତ

**ଧର୍ମଶାଳା, ୧୪।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତର ଗଣେଶ୍ୱର ଡ୍ରାମାଟିକ୍ କ୍ଲବର ୩୩ତମ ନାଟକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଏହି ଉତ୍ସବ ଯୋଗଡା ରଘୁନାଥପୁର ଓ ମୁରାରୀପୁର ଗ୍ରାମର ମଧ୍ୟସ୍ଥଳ ତାରିଣୀ ମଣ୍ଡପରେ କରାଯାଇଥିଲା। ଉତ୍ସବର ପ୍ରଥମ ରଜନୀରେ ନାଟକ ଅଧେ ତୋର ଅଧେ ମୋର, ଦ୍ୱିତୀୟ ରାତିରେ ଆଖି ତୁ କାନ୍ଦେନା ଓ ଶେଷ ରାତ୍ରରେ ତୋ ନାଁରେ ମୋ ନାଁକୁ ଦେଇଛି ଯୋଡି ମଞ୍ଚସ୍ଥ ହୋଇଥିଲା। ଶେଷଦେବ ଜେନାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ନାଟକରେ ପ୍ରସନ୍ନ, ତନ୍ମୟ, ଲିପୁ, ବାଦଲ, କାର୍ତ୍ତିକ, ହେମନ୍ତ, ସୁମନ୍ତ, କାଶୀନାଥ, ଜ୍ଞାନରଞ୍ଜନ, ରତ୍ନାକର, ହରି, କେଦାର, କୁନି, ତନୁ, ମିଲି, ଭାନୁ, ମାମା, ଶିଶୁ କଳାକାର ଚିକୁ ଓ ବଦନୀ ପ୍ରମୁଖଙ୍କ ଅଭିନୟ ଉଚ୍ଚକୋଟିର ହୋଇଛି। ଯୁବନେତା ବିଜୟ କୁମାର ପଣ୍ଡା ଓ ପ୍ରସନ୍ନ କୁମାର ରାଉତ ଉତ୍ସବ ପରିଚାଳନା କରିଥିଲେ।

# 'ସଚେତନତା ହିଁ ମଧୁମେହକୁ ନିୟନ୍ତ୍ରଣ କରିପାରିବ'




ମଧୁମେହ ଦିବସ ପାଳନ ଅବସରରେ ମଞ୍ଚରେ ଉପସ୍ଥିତ ଅତିଥିମାନେ।

**ଯାଜପୁର ଟାଉନ, ୧୪।୧୧(ଡିଏନଏ)**

**ଜିଲାସ୍ତରୀୟ ବିଶ୍ୱ ମଧୁମେହ ଦିବସ**

ମଧୁମେହ ଏକ ମାରାତ୍ମକ ରୋଗ। ଏହା ସମସ୍ତ ରୋଗକୁ ଆମନ୍ତ୍ରଣ କରିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ ବୋଲି ବିଶ୍ୱ ମଧୁମେହ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇ ଏଡିଏମ୍‌ଓ ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ କାହ୍ନୁଚରଣ ନାୟକ ମଧୁମେହ ଜୀବନସାରା ରହୁଥିବା ଏକ ରୋଗ, ଏହା ସମ୍ପୂର୍ଣ୍ଣ ଭଲ ହେଉ ନଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ ବୋଲି କହିଥିଲେ। ବର୍ତ୍ତମାନ ବିଶ୍ୱରେ ପ୍ରାୟ ୪୨୫ ମିଲିୟନ ମଧୁମେହ ରୋଗୀ ଥିବା ବେଳେ ଆକଳନ ଅନୁସାରେ ୨୦୪୫ ମସିହା ବେଳକୁ ଏହା ୬୨୯ ମିଲିୟନକୁ ବୃଦ୍ଧି ପାଇବ। ସଂପ୍ରତି ହୃଦ୍‌ରୋଗ ବୃଦ୍ଧି ପାଇଁ ଭାରତକୁ ମଧୁମେହର ରାଜଧାନୀ କୁହାଯାଉଛି ବୋଲି ସେ କହିଥିଲେ। ବିସ୍ତୃତ ସୂଚନା ଦେଇ ଭେଷଜ ବିଶେଷଜ୍ଞ ପ୍ରଫୁଲ୍ଲ ଚନ୍ଦ୍ର ଦୀକ୍ଷିତ ପରିବାର ଓ ମଧୁମେହ ଏକ ନିଚ୍ଛକ ବାସ୍ତବତା ବୋଲି କହିଥିଲେ। ପରିବାରର ପ୍ରତିଟି ସଦସ୍ୟ ମଧୁମେହ ସମ୍ପର୍କରେ ଅବଗତ ହେବା ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ନିଜ ଜୀବନ ଶୈଳୀରେ ପରିବର୍ତ୍ତନ, ଖାଦ୍ୟ ପେୟରେ ଅନିୟମିତତା, ମାନସିକ ଚାପ, ଫାଷ୍ଟ ଫୁଡର ଅତ୍ୟଧିକ ବ୍ୟବହାର ସ୍ୱାସ୍ଥ୍ୟ ହାନୀର କାରଣ ଓ ମଧୁମେହ ବୃଦ୍ଧିରେ ସହାୟକ ହେଉଛି ବୋଲି କହିବା ସହ ବ୍ୟାପକ ସଚେତନତା ହିଁ ଏହାକୁ ନିୟନ୍ତ୍ରଣ କରିପାରିବ ବୋଲି କହିଥିଲେ। ଫିଜିଓ ଥେରାପିଷ୍ଟ ଦେବୀ ପ୍ରସାଦ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିପିଏଚ୍‌ସିଓ କାର୍ତ୍ତିକ ନାୟକ, ପାଥୋଲୋଜିଷ୍ଟ ଡା. ନରେନ୍ଦ୍ର କୁମାର ମାଝି, ଡାକ୍ତର ପାର୍ଥ ସାରଥୀ ମିଶ୍ର ପ୍ରମୁଖ ଯୋଗଦେଇ ମଧୁମେହର କାରଣ ନିରାକଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପୂର୍ବାହ୍ନରେ ମଧୁମେହ ସମ୍ପର୍କରେ ଏକ ପରୀକ୍ଷା ବ୍ୟବସ୍ଥା ମୁଖ୍ୟ ଚିକିତ୍ସାଳୟରେ କରାଯାଇଥିଲା।

## ସମବାୟ ସପ୍ତାହ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା

**ଯାଜପୁର ଟାଉନ, ୧୪।୧୧(ଡିଏନଏ)**

ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ଯାଜପୁର ସମବାୟ ସମିତିର ସହକାରୀ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପରିସରରେ କଟକ ଜିଲା ସମବାୟ ସମିତି ରେଜିଷ୍ଟ୍ରାରଙ୍କ ଅଧୀନରେ ଥିବା ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲା ପାଇଁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇ ସମବାୟ ସମିତିର ଅଭ୍ୟୁଦୟ, ସମବାୟ ବିପ୍ଳବ, ବିଭିନ୍ନ ସମବାୟ ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଚାରକ ଓ ଅତିଥିଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କୃଷି ବିଭାଗ ଅଧିକାରୀ ଶ୍ରୀଧର ଦାସ, ଅଧାପକ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପରେ ଜଗତସିଂହପୁର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଅବିନାଶ କୁମାର ଜେନା, ଶୁଭାଙ୍ଗୀ ମଧୁସ୍ମିତା ବଡ଼ିଆ ଓ ଶୁଭ୍ରଜ୍ୟୋତି ନନ୍ଦ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ମାନପତ୍ର ଓ ଅର୍ଥ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଆରସିଏସ୍ ଶରତ କୁମାର ମଲ୍ଲିକ ପରିଚାଳନା କରିଥିଲେ। ଏସ୍‌ଏଆରସିଏସ୍ ବେଣୁଧର ମଲ୍ଲିକ, ନଗେନ୍ଦ୍ର ସେଠୀ, ମନମୋହନ ରାଉତ, ଭାଗବତ ମାରାଣ୍ଡି, ଇନିସ୍‌ପେକ୍ଟର ଶିଲ୍ପା ଜେନା, ପ୍ରଭାତ କୁମାର ବାରିକ, ମୁଖ୍ୟ କିରାଣୀ ଦିଲୀପ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ପ୍ରତିଯୋଗୀ ଅବିନାଶ ଜେନା ରାଜ୍ୟସ୍ତରୀୟ ସମବାୟ ସମିତି ପ୍ରତିଯୋଗିତାରେ ଯୋଗଦେବାକୁ ଯୋଗ୍ୟତା ଅର୍ଜନ କରିଥିଲେ।

## ମା' ବିରଜା ପରିକ୍ରମା, ମହିମା ସମ୍ପର୍କରେ ଆଲୋଚନା



ଆଲୋଚନାଚକ୍ରରେ ଯୋଗ ଦେଇଥିବା ବୁଦ୍ଧିଜୀବୀ।

**ଯାଜପୁର ଟାଉନ, ୧୪।୧୧(ଡିଏନଏ)**

ବିରଜା ମନ୍ଦିର ମୁକ୍ତି ମଣ୍ଡପଠାରେ ମା' ବିରଜାଙ୍କ ମହିମାଗାନ ଓ ପରିକ୍ରମା ପରିପ୍ରେକ୍ଷୀରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମା' ବିରଜା ପରିକ୍ରମା ସମିତି ସଭାପତି ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିରଜା ସଂସ୍କୃତି ପ୍ରଚାର କମିଟି ଅଧକ୍ଷ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିରଜା ମୁକ୍ତିମଣ୍ଡପ ସେବାୟତ ପରିଷଦ ସଭାପତି ଦେବୀପ୍ରସାଦ ପାଣି, ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ବୈତରଣୀ କୁମ୍ଭମେଳା ସମିତି ସଭାପତି ବିବେକାନନ୍ଦ ମହାନ୍ତି, ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତି ବ୍ୟାସ ସୁଧୀର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପବିତ୍ର ଧାର୍ମିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଧର୍ମୀୟ ପଦଯାତ୍ରା ଶତାଧିକ ସାଧୁ ସନ୍ଥଙ୍କ ସହ କୀର୍ତ୍ତନ ମଣ୍ଡଳୀକୁ ନେଇ ଚଳିତ ମାସ ୧୯ ତାରିଖରୁ ପ୍ରଥମେ ବେଲେଶ୍ୱର ପବିତ୍ର ପୀଠରୁ ଆରମ୍ଭ ହୋଇ ବରାହଜି, ଶ୍ରୀଜଗନ୍ନାଥ ମନ୍ଦିର, ସିଦ୍ଧେଶ୍ୱର, ବରୁଣେଶ୍ୱର ପୀଠ, ବିରାଜ ମନ୍ଦିର ପରିକ୍ରମା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ୨୧ ତାରିଖ ବେଲେଶ୍ୱର ପୀଠଠାରେ ଉଦଯାପନ ହେବ। ବିଶେଷ କରି ମା ବିରଜା ବେଢ଼ା ପରିକ୍ରମା ଓ ଧର୍ମୀୟ ସଭା ୨୦ ତାରିଖ ସନ୍ଧ୍ୟା ସମୟରେ କିପରି ସଫଳ ହେବ ସେଥିପାଇଁ ମୁକ୍ତି ମଣ୍ଡପ ସେବାୟତ ପରିଷଦ ସମସ୍ତ ସହଯୋଗ କରିବ ବୋଲି ପରିଷଦର ସଭାପତି ପାଣି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ମା ବିରଜାଦେବୀଙ୍କ ବେଢ଼ା ପରିକ୍ରମା, ସଂଧ୍ୟା ଆଳତୀ, ସ୍ୱାଗତ ସମାରୋହ, ନିମନ୍ତେ ସମସ୍ତ ମା' ବିରଜା ପୂଜକ ଉପସ୍ଥିତ ରହି ମା'ଙ୍କ ଗୁଣଗାନ କରିବାକୁ ମା' ବିରଜା ପୂଜକ ମଣ୍ଡଳ ସଭାପତି କହିଥିଲେ। ବୈତରଣୀ କୁମ୍ଭମେଳା ସମିତିର ସଭାପତି ଆଇନଜୀବୀ ମହାନ୍ତି ପରିକ୍ରମା କାର୍ଯ୍ୟରେ ସମସ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ସମିତି ସଭ୍ୟଙ୍କୁ ଅନୁରୋଧ କରିଥିଲେ। ଏହି ପରିକ୍ରମା କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଭାଗବତ ତୁଙ୍ଗୀର କୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ପଦଯାତ୍ରାରେ ସାମିଲ ହେବେ ବୋଲି ଦକ୍ଷିଣ ବ୍ରହ୍ମଦେବୀ ଭାଗବତ ପ୍ରଚାର ସମିତିର ବ୍ୟାସ ପଣ୍ଡା କହିଥିଲେ। ଏହି ଆଲୋଚନାଚକ୍ରରେ ମଧୁସୂଦନ ଦାସ, ଚନ୍ଦ୍ର ନାରାୟଣ ସାହୁ, ଅଶୋକ କୁମାର ନାୟକ, ପଣ୍ଡିତ ଜଗନ୍ନାଥ ପାଣି, ନିଳମଣୀ ଦାସ, ଲକ୍ଷ୍ମୀଧର ମହାନ୍ତି, ନବକିଶୋର ପଣ୍ଡା, କେଶବ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିରଜା ସଂସ୍କୃତି ପ୍ରଚାର କମିଟି ସମ୍ପାଦକ ପ୍ରଭାତ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ପ୍ରତିଯୋଗିତା

**ଯାଜପୁର ଟାଉନ, ୧୪।୧୧(ଡିଏନଏ)**

ଜାତୀୟ ପ୍ରେସ୍ ଦିବସ ପାଳନ ଉପଲକ୍ଷେ ଯାଜପୁର ଜିଲାସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତା ଜିଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟସ୍ତରୀୟ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ଚିତାଲୋ ମହାବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ଦାସ ଓ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ଯୁଗ୍ମ ପ୍ରଥମ, ଗୁରୁକୁଳ କଳିଙ୍ଗ ଯୁକ୍ତ ୨ ବିଜ୍ଞାନ ଆବାସିକ ମହାବିଦ୍ୟାଳୟ ଛାତ୍ରୀ କାଜଲ ସ୍ୱାଇଁ ଦ୍ୱିତୀୟ ଓ ଛାତ୍ରୀ ଅନିଶା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ମନ୍ମଥ କୁମାର ମହାରଣା, ଗଣେଶ୍ୱର ସାମନ୍ତ ଓ ଶିବ ପ୍ରସାଦ ବଳ ପ୍ରମୁଖ ଏହି ପ୍ରତିଯୋଗିତାକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଙ୍କ କର୍ମଚାରୀ ସତ୍ୟଜିତ୍ ନାୟକ, ରତିକାନ୍ତ ମହାନ୍ତି ପ୍ରମୁଖ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ।

## ଯାଜପୁରରୋଡ଼ରେ ବିଶ୍ୱ ମଧୁମେହ ଦିବସ

**ଯାଜପୁର ଅଫିସ, ୧୪।୧୧**

ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ଭାରତୀୟ ଚିକିତ୍ସକ ସଂଘ ଯାଜପୁର ରୋଡ଼ ଆନୁକୂଲ୍ୟରେ ଓ ଲାୟନ୍ସ କ୍ଲବ ଯାଜପୁର ରୋଡ଼ ଏବଂ ଲାୟନ୍ସ କ୍ଲବ ଷ୍ଟିଲସିଟି ସହଯୋଗରେ ଏକ ମଧୁମେହ ରୋଗ ଚିହ୍ନଟ ଓ ସଚେତନତା ଶିବିର ଗୁରୁବାର ଧର୍ମଶାଳାସ୍ଥିତ ନନ୍ଦରାମ ବାଟିକାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭୁବନେଶ୍ୱର ବିବେକାନନ୍ଦ ହସ୍ପିଟାଲର ମୁଖ୍ୟ ଭେଷଜ ଓ ଅନ୍ତସ୍ରାବୀ ରୋଗ ବିଶେଷଜ୍ଞ ପ୍ରଫେସର ଭାଗିରଥୀ କର, କଟକର ମଧୁମେହ ରୋଗ ବିଶେଷଜ୍ଞ ଅବଦୁଲ ହଲିମ ଖାଁ ଓ ଯାଜପୁରର ଚକ୍ଷୁ ବିଶେଷଜ୍ଞ ରାଜକିଶୋର ପଣ୍ଡା ଯୋଗଦେଇ ରୋଗୀ ଚିହ୍ନଟ ଓ ଚିକିତ୍ସା କରିଥିଲେ। ସମୁଦାୟ ୧୫୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ୨୮ଜଣଙ୍କ ଚକ୍ଷୁ ପରୀକ୍ଷା ଏବଂ ୧୨୫ ଜଣଙ୍କ ରକ୍ତ ନମୂନା ସଂଗ୍ରହ କରି ରକ୍ତରେ ଶର୍କରା ପରିମାଣ ନିର୍ଣ୍ଣୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲାୟନ୍ସ ଜିଲା ଗଭର୍ନର ପ୍ରଭାସ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଲାୟନ୍ସ କୁଳମଣି ସାମଲ, ଭାରତୀୟ ଚିକିତ୍ସକ ସଂଘ ଯାଜପୁର ରୋଡ଼ ସଭାପତି ଡାକ୍ତର ହେମନ୍ତ କିଶୋର ସାହୁ, ସମ୍ପାଦକ ଡାକ୍ତର ଗୌରୀ ଶଙ୍କର ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରସନ୍ନ କୁମାର ସାହୁ ଓ ଡାକ୍ତର ନୃସିଂହ ଚରଣ ପରିଡା ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରେରେ ରୋଗୀଙ୍କୁ ଔଷଧ ବିନା ମୂଲ୍ୟରେ ବିତରଣ କରାଯାଇଥିଲା। ଇପ୍‌କା, ଡିସକଭରୀ ମ୍ୟାନକାଇଣ୍ଡ ଫାର୍ମା ଆଦି ସଂସ୍ଥା ପକ୍ଷରୁ ରକ୍ତ ପରୀକ୍ଷା କରାଯାଇଥିଲା।



ଶିବିରରେ ଯୋଗ ଦେଇଥିବା ଅତିଥି ଓ ଶିବିରାର୍ଥୀମାନେ।

# ଚାଷୀଙ୍କୁ ଶସ୍ୟବୀମା ଯୋଜନାରେ ସାମିଲ କରିବାକୁ ଦାବି

**ଯାଜପୁର ଟାଉନ, ୧୪।୧୧(ଡିଏନଏ)**



ଜିଲା କୃଷି ଅଧିକାରୀଙ୍କୁ କଂଗ୍ରେସ କର୍ମୀମାନେ ଦାବିପତ୍ର ଦେଉଛନ୍ତି।

ଯାଜପୁର ଜିଲା କଂଗ୍ରେସ କମିଟି ତରଫରୁ ଜିଲା କୃଷି ଅଧିକାରୀଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସର ଏକ ପ୍ରତିନିଧି ଦଳ ଚାଷୀଙ୍କୁ ଶସ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ଦାବିପତ୍ର ଜିଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଗତ ବୁଲବୁଲ ବାତ୍ୟାରେ ଯାଜପୁର, ଦଶରଥପୁର, ବିଞ୍ଝାରପୁର, ବରୀ, ଧର୍ମଶାଳା, ରସୁଲପୁର ଯାଜପୁର ମ୍ୟୁନିସିପାଲିଟି ସମେତ ସମସ୍ତ ୧୦ଟି ବ୍ଲକ୍‌ରେ ଖରିଫ୍ ଫସଲ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଧାନକ୍ଷେତରେ ଫୁଲ ଉଡ଼ାଉଥିବା ଧାନ ମାଟି ପାଣିରେ ଭିଜି ଅମଳକ୍ଷମ ହେବାକୁ ଯୋଗ୍ୟ ହୋଇନାହିଁ। ଧାନ କେଣ୍ଡାଗୁଡ଼ିକ ଅଗାଡ଼ି ହୋଇଯାଇଛି। ଏହି କ୍ଷୟକ୍ଷତିର ଆକଳନ କରିବା ପାଇଁ ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଓ କୃଷି ବିଭାଗ ଯୁଗ୍ମ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଆଜିପର୍ଯ୍ୟନ୍ତ ଏହି ସର୍ଭେ କରାଯାଇ ନାହିଁ। ରାଜସ୍ୱ ଅଧିକାରୀ ଏବଂ ଗ୍ରାମ କୃଷି ଅଧିକାରୀଙ୍କ ସର୍ଭେରେ ତାଳମେଳ ରହୁନାହିଁ। ଚାଷୀମାନେ ସମବାୟ ବ୍ୟାଙ୍କ, ସମବାୟ ସମିତି ଓ ବିଭିନ୍ନ ବ୍ୟାଙ୍କ ଓ ମହାଜନୀରୁ ଋଣ ନେଇ ଚାଷ କରିଥିବା ଫସଲ ମଡ଼କରେ ଛାନିଆ ହୋଇଥିଲେ ବି ସରକାର ଏବଂ ସରକାରୀ ଅଧିକାରୀମାନେ ଉଦାସୀନ ଭାବ ଦେଖାଉଛନ୍ତି। ବିଶେଷ କରି ଯାଜପୁର ଓ ବରୀ ବ୍ଲକର ହଜାର ହଜାର ଚାଷୀ ବୀମା ପ୍ରିମିୟମ ଦାଖଲ କରିଥିଲେ। ସେମାନଙ୍କୁ ଗତ 'ଫନୀ' ବାତ୍ୟାରେ ଫସଲ ବୀମା ଟଙ୍କା ଏପର୍ଯ୍ୟନ୍ତ ମିଳିପାରି ନ ଥିବାବେଳେ 'ବୁଲବୁଲ' ଝଡ଼ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀକୁଳ ବୀମା ଟଙ୍କା ମିଳିବ କି ନାହିଁ ସେ ନେଇ ଆଶଙ୍କାରେ ରହିଛନ୍ତି। ଏଣୁ ଅଗ୍ରାଧିକାର ଭିତ୍ତିରେ ପ୍ରଭାବିତ ବ୍ଲକ ଓ ପୌରାଞ୍ଚଳଗୁଡ଼ିକର କ୍ଷତିଗ୍ରସ୍ତ ଚାଷୀଙ୍କୁ ଶସ୍ୟବୀମା ଯୋଜନାରେ ସାମିଲ କରାଇବା ଆବଶ୍ୟକ ହୋଇପଡ଼ିଛି। ବୀମା କମ୍ପାନୀଗୁଡ଼ିକର ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବ ଓ ଟାଳଟୁଳ ନୀତି ଅନେକ ଗରିବ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ବିଷ୍ଣୁଚରଣ ରାଉତ, ବଳଭଦ୍ର ଦାସ, ସନ୍ତୋଷ ନନ୍ଦ, ବିଭୂତି ମହାପାତ୍ର, ହୃଷିକେଶ ପତି, ନାରାୟଣ ସାମନ୍ତ, ଅକ୍ଷୟ ଶତପଥି, ସଂଗ୍ରାମ ଜେନା ପ୍ରମୁଖ ଏକ ଦାବିପତ୍ର ଜିଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିଥିଲେ।

